# ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅଧିନସ୍ଥ ନୂତନ ସର୍ଭେ ସମ୍ପର୍କିତ

## କେତୋଟି ଜାଣିବା କଥା

**ପ୍ରଶ୍ନ ୧. ଏହି ସର୍ଭେର ଉଦ୍ଦେଶ୍ୟ କ'ଣ?**

**ଉତ୍ତର:** ବଳକା ରହିଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଗୃହ ମଞ୍ଜୁର କରିବା ଏହି ସର୍ଭେର ମୂଳ ଉଦ୍ଦେଶ୍ୟ ।

**ପ୍ରଶ୍ନ ୨. ଏହି ସର୍ଭେ କାହାଦ୍ୱାରା କରାଯାଇପାରିବ ?**

**ଉତ୍ତର:** (କ) ସ୍ୱୟଂ ସର୍ଭେ-ଜନ ସାଧାରଣଙ୍କ ଦ୍ୱାରା

(ଖ) ସହାୟକ ସର୍ଭେ-ବ୍ଲକ ଅଧିକାରୀଙ୍କ ଦ୍ୱାରା

**ପ୍ରଶ୍ନ ୩: ଏହି ସର୍ଭେ କେଉଁ ମୋବାଇଲ ଆପ୍ସ ଜରିଆରେ ହେବ?**

**ଉତ୍ତର:** ଏହି ସର୍ଭେ କେବଳ ଆବାସ ପ୍ଲସ ମୋବାଇଲ ଆପ୍ସ ଜରିଆରେ ହେବ ।

**ପ୍ରଶ୍ନ ୪: ଏହି ମୋବାଇଲ ଆପ୍ସ କିପରି ପାଇପାରିବେ ?**

**ଉତ୍ତର:** ପ୍ଲେ ଷ୍ଟୋରରୁ "ଆବାସ ପ୍ଲସ"ମୋବାଇଲ ଆପ୍ସକୁ ଡାଉନଲୋଡ କରିବାପରେ ନିଜ ମୋବାଇଲରେ ଏହି ଆପ୍ସ କାର୍ଯ୍ୟକ୍ଷମ ହେବ ।

**ପ୍ରଶ୍ନ ୫: ଆପ୍ସରେ କିପରି ନିଜକୁ ପଞ୍ଜୀକରଣ କରାଯାଏ ?**

**ଉତ୍ତର:** ଉଭୟ ଜନସାଧାରଣ ଓ ବ୍ଲକ ଅଧିକାରୀଙ୍କୁ ଆପ୍ସ ବ୍ୟବହାର କରିବା ପାଇଁ ଆଧାର ନମ୍ବର ଦେଇ ପଞ୍ଜୀକରଣ କରିବାକୁ ପଡିଥାଏ । ଏହି ପଞ୍ଜୀକରଣ ସମୟରେ ଆଖି ମିଟି ମିଟି ସହ ନିଜ ମୁହଁର ଫଟୋ ଉଠାଇବାକୁ ହୁଏ । ଏହି ଫଟୋକୁଯାନ୍ତ୍ରିକ ପଦ୍ଧତିରେ ପ୍ରଦାନ କରାଯାଇଥିବା ନିଜ ଆଧାର ସହ ମେଳ କରାଯାଇଥାଏ । ଫଟୋ ମେଳ ଖାଇଲେ ଲଗ୍ଇନ୍ ହୋଇଥାଏ ।

**ପ୍ରଶ୍ନ ୬: ଲଗ୍ଇନ୍ ପାଇଁ କୌଣସି ପିନ/ପାସୱାର୍ଡର ଆବଶ୍ୟକତା ଅଛି କି ?**

**ଉତ୍ତର:** ନିଜ ମୁହଁର ଫଟୋ ଆଧାର ସହ ମେଳ ଖାଇବା ପରେ ଉପଯୋଗକାରୀଙ୍କୁ ନିଜ ଇଛା ମୁତାବକ ଚାରି ଅଙ୍କ ବିଶିଷ୍ଟ ପିନ ପ୍ରଦାନ କରି ଏହାକୁ ପୁନର୍ବାର ସୁନିଶ୍ଚିତ କରିବାକୁ ପଡିଥାଏ । ଏହି ଚାରି ଅଙ୍କ ବିଶିଷ୍ଟ ପିନକୁ ବ୍ୟବହାର କରି ପରବର୍ତ୍ତୀ ସମୟରେ ଇଣ୍ଟରନେଟ ସୁବିଧା ନଥିବା ଅଞ୍ଚଳରେ ମଧ୍ୟ ସର୍ଭେ ତଥ୍ୟ ପୂରଣ କରାଯାଇପାରିବ ।

**ପ୍ରଶ୍ନ ୭: ସର୍ଭେ ତଥ୍ୟ ପୂରଣ ପୂର୍ବରୁ ଉପଯୋଗକାରୀଙ୍କୁ କଁଣ କରିବାକୁ ପଡିଥାଏ ?**

**ଉତ୍ତର:** ଆପ୍ସରେ ଲ ଗ୍ଇନ୍ ପରେ ଉପଯୋଗକାରୀଙ୍କୁ ନିଜ ବ୍ଲକ , ପଞ୍ଚାୟତ ଓ ଗ୍ରାମ ଚୟନ କରିବାକୁ ପଡିଥାଏ । ବ୍ଲକ ଅଧିକାରୀଙ୍କ କ୍ଷେତ୍ରରେ ସେମାନଙ୍କୁ ପୂର୍ବରୁ ସଂଶ୍ଳିଷ୍ଟ କରାଯାଇଥିବା ପଞ୍ଚାୟତ ହିଁ କେବଳ ପ୍ରଦର୍ଶିତ ହେବ । ଅନ୍ୟପଞ୍ଚାୟତ ପାଇଁ ସେ ସର୍ଭେ କରିପାରିବେ ନାହିଁ । ଜନସାଧାରଣଙ୍କ କ୍ଷେତ୍ରରେ ଆଧାରକାର୍ଡରେ ଉଲ୍ଲେଖ ଥିବା ଜିଲ୍ଲା ଓ ସେହି ଜିଲ୍ଲାର ବ୍ଲକ ,ପଞ୍ଚାୟତ ଓ ଗ୍ରାମ ଚୟନ କରିବାକୁ ପ୍ରଦର୍ଶିତ ହୋଇଥାଏ ।

**ପ୍ରଶ୍ନ ୮: ସର୍ଭେ ସମୟରେ କେଉଁ କେଉଁ ତଥ୍ୟ ପ୍ରଦାନ କରିବାକୁ ପଡିଥାଏ ?**

**ଉତ୍ତର:** (କ) ପରିବାରର ମୁଖ୍ୟ ଓ ଅନ୍ୟ ସଦସ୍ୟଙ୍କ ତଥ୍ୟ -ବୟସ, ଲିଙ୍ଗ , ବୃତ୍ତି , ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ।

(ଖ) ଗୃହ ସମ୍ପର୍କିତ ତଥ୍ୟ-କାନ୍ଥ ଓ ଛାତରେ ବ୍ୟବହୃତ ନିର୍ମାଣ ସାମଗ୍ରୀ, କୋଠରୀ ସଂଖ୍ୟା ଇତ୍ୟାଦି ।

(ଗ) ଯୋଗ୍ୟତା ମାନଦଣ୍ଡ ସମ୍ପର୍କିତ ତଥ୍ୟ-ମାସିକ ଆୟ ,ପରିବାର ସଦସ୍ୟଙ୍କ ନାମରେ ଥିବା ଯାନବାହାନ, ଜମି, କୃଷି ଉପକରଣ ଇତ୍ୟାଦି ।

**ପ୍ରଶ୍ନ ୯: ସର୍ଭେ ନିମନ୍ତେ କେଉଁ କେଉଁ କାଗଜାତ ଆବଶ୍ୟକ ହୋଇଥାଏ?**

**ଉତ୍ତର:** କ) ପରିବାରର ସମସ୍ତ ସଦସ୍ୟଙ୍କ ଆଧାର ନମ୍ବର

ଖ) ଜବ କାର୍ଡ ନମ୍ବର

ଗ) ବ୍ୟାଙ୍କ ଜମା ଖାତା ନମ୍ବର

**ପ୍ରଶ୍ନ ୧୦: ସ୍ୱୟଂ ସର୍ଭେ ସମୟରେ ଗୋଟିଏ ମୋବାଇଲ ଉପକରଣରେ କେତେ ପରିବାରଙ୍କ ସର୍ଭେ ହୋଇପାରିବ?**

**ଉତ୍ତର:** ଗୋଟିଏ ମୋବାଇଲ ନମ୍ବରରେ କେବଳ ଗୋଟିଏ ପରିବାରର ସର୍ଭେ ହୋଇ ପାରିବ ।

**ପ୍ରଶ୍ନ ୧୧: ପରିବାରର କେଉଁ ସଦସ୍ୟ ଯୋଜନାର ହିତାଧିକାରୀ ହୋଇଥାନ୍ତି ?**

**ଉତ୍ତର:** ପରିବାରର ମହିଳା ମୁଖ୍ୟ ହିତାଧିକାରୀ ହୋଇଥାନ୍ତି । ପ୍ରାପ୍ତ ବୟସ୍କା ମହିଳା ସଦସ୍ୟା ନଥିବା ପରିବାର କ୍ଷେତ୍ରରେ ଘରର ସଦସ୍ୟଙ୍କ ମତାମତରେ ହିତାଧିକାରୀ ଚୟନ ହୋଇଥାଏ ।

**ପ୍ରଶ୍ନ ୧୨:ହିତାଧିକାରୀ ଚୟନ ପରେ, ତାଙ୍କ ଫଟୋ ଉଠାଇବାର ଆବଶ୍ୟକତା ପଡେ କି?**

**ଉତ୍ତର:** ହଁ, ହିତାଧିକାରୀଙ୍କ ଆଖି ମିଟି ମିଟି ସହ ମୁହଁର ଫଟୋ ଉଠାଇବାକୁ ପଡେ ।

**ପ୍ରଶ୍ନ ୧୩: ସର୍ଭେ ସମୟରେ ଗୃହ ନିର୍ମାଣ ନମୁନା ହିତାଧିକାରୀଙ୍କ ପାଇଁ ଉପଲବ୍ଧ ଥାଏ କି?**

**ଉତ୍ତର:** ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ନମୁନାରୁ ହିତାଧିକାରୀ ନିଜ ପସନ୍ଦ ମୁତାବକ ଯେକୌଣସି ଏକ ନମୁନା ସର୍ଭେ ସମୟରେ ଚୟନ କରି ପରିପାରିବେ ।

**ପ୍ରଶ୍ନ ୧୪: ଉପଯୋଗକାରୀ ପୂରଣ କରିଥିବା ସର୍ଭେ ତଥ୍ୟ ପୁନର୍ବାର ସଂଶୋଧନ କରି ହୁଏ କି ?**

**ଉତ୍ତର:** ଚୂଡାନ୍ତ ଦାଖଲ ପୂର୍ବରୁ ପୂରଣ ହୋଇଥିବା ତଥ୍ୟକୁ ଆବଶ୍ୟକସ୍ଥଳେ ଉପଯୋଗକାରୀ ସଂଶୋଧନ କରି ପାରିବେ ।

**ପ୍ରଶ୍ନ ୧୫: ଏହି ଯୋଜନାରେ କେଉଁମାନେ ଅଯୋଗ୍ୟ ବିବେଚିତ ହୋଇଥାନ୍ତି ?**

(୧) ପକ୍କାଘରେ ରହୁଥିବା ପରିବାର ।

(୨) ଅନ୍ୟ କୌଣସି ସରକାରୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ ନିର୍ମାଣ ପାଇଁ ପୂର୍ବରୁ ସହାୟତା ରାଶି ପାଇଥିବା ପରିବାର ।

(୩) ଯେଉଁ ପରିବାରର ତିନି/ଚାରି ଚକିଆ ଯାନ ଥିବ ।

(୪) ଯେଉଁ ପରିବାରର କୃଷି ଭିତ୍ତିକ ତିନି/ଚାରି ଚକିଆ ଯାନ୍ତ୍ରିକ ଉପକରଣ ଥିବ ।

(୫) ୫୦ ହଜାର ଟଙ୍କା କିମ୍ବା ଉର୍ଦ୍ଧ୍ୱ ମୂଲ୍ୟର କିଷାନ କ୍ରେଡିଟକାର୍ଡ ଥିବା ପରିବାର ।

(୬)ଯଦି ପରିବାରର କୌଣସି ସଦସ୍ୟ ସରକାରୀ କର୍ମଚାରୀ ହୋଇଥିବେ ।

(୭) ସରକାରୀ ପଞ୍ଜିକୃତ ଅଣ କୃଷି ଉଦ୍ୟୋଗୀ ପରିବାର ।

(୮) ଯଦିପରିବାରର କୌଣସି ସଦସ୍ୟଙ୍କ ମାସିକ ଆୟ ୧୫,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବ ।

(୯) ଆୟକର ଦାଖଲ କରୁଥିବା ପରିବାର

(୧୦) ବୃତ୍ତିକର ଦାଖଲ କରୁଥିବା ପରିବାର

(୧୧) ଯେଉଁ ପରିବାରଙ୍କ ନାମରେ୨.୫ ଏକର ବାତଦୁର୍ଦ୍ଧଜଳସେଚିତ ଜମି ଥିବା।

(୧୨) ଯେଉଁ ପରିବାରଙ୍କ ନାମରେ୫ ଏକର ବା ତଦୁର୍ଦ୍ଧ ଅଣଜଳସେଚିତ ଜମି ଥିବ ।